ସମ୍ବାଦ

# କେନ୍ଦ୍ର ସାହିତ୍ୟ ଏକାଡେମିର 'ଗ୍ରାମାଲୋକ' କାର୍ଯ୍ୟକ୍ରମ




ଆନନ୍ଦପୁର,୨୬/୫(ଇମିସ): କେନ୍ଦ୍ର ସାହିତ୍ୟ ଏକାଡେମି ଓ ଫକୀରପୁର ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆନନ୍ଦପୁର ବ୍ଲକ୍ ଶାଳବଣି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସଭାଗୃହରେ 'ଗ୍ରାମାଲୋକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ, ପ୍ରାକ୍ତନ କଲେଜ ଅଧ୍ୟକ୍ଷ ରମାକାନ୍ତ ନାୟକ, କବି ପ୍ରଫୁଲ୍ଲ ଚକ୍ର ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଂସଦର ସମ୍ପାଦକ ଅନିଲ କୁମାର ସାହୁ ସ୍ୱାଗତ ଭାଷଣ ଓ ସଭାପତି ସରୋଜ କୁମାର ସାହୁ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। କବି ଡ. ଅଶୋକ କୁମାର ପ୍ରଧାନ, ଅଧ୍ୟାପକ ନିରଞ୍ଜନ ପତି, ଅନିଲ କୁମାର ସାହୁ, ସରୋଜ କୁମାର ସାହୁ, ଦୀପ୍ତି ଦେବଦର୍ଶିନୀ ସୂତାର, ତ୍ରିଲୋଚନ ସାହୁ, ହେମନ୍ତ କୁମାର ନାୟକ, ନିରଞ୍ଜନ ସାହୁ, ମନୋଜ କୁମାର ସାହୁ, ଗୋବର୍ଦ୍ଧନ ନାୟକ, ଆଦିକନ୍ଦ ରାମ୍, ଜ୍ୟୋସ୍ନାରାଣୀ ଦାସ, ଅଯୋଧ୍ୟା ଘଡ଼େଇ, ହେମନ୍ତ ନାୟକ, ସୁନୀତା ନାଥ, ଜସ୍ମିନ ସାହୁ, ପ୍ରିୟଦର୍ଶିନୀ ନାହାକ, ଶ୍ରଦ୍ଧାସୁମନ ନାହାକ, ସୁରେନ୍ଦ୍ର ଜେନା, ଆଶିଷ ନାଏକ, ଝଲସ ସାହୁ, ଶୁଭଲକ୍ଷ୍ମୀ ସା, ନାରାୟଣ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ସରୋଜ କୁମାର ସାହୁ ଓ ଦୀପ୍ତି ଦେବଦର୍ଶିନୀ ସୂତାର କବିତା ପାଠ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଦୀପ କୁମାର ରାମ୍ ଆବହନୀ ସଙ୍ଗୀତ ଗାନ କରିଥିଲେ। ଫକୀରପୁର ସାହିତ୍ୟ ସଂସଦର ସାଂଗଠନିକ ସମ୍ପାଦକ ତ୍ରିଲୋଚନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରଞ୍ଜିତ ନାୟକ, ରାଜକିଶୋର ବାରିକ୍, ସତ୍ୟବ୍ରତ ନାଥ, ବିଜୟ କୁମାର ଷେଣ୍ଢ, କାମଦେବ ଗୁରୁଁ, ଘନଶ୍ୟାମ ରଣା, ପ୍ରଦୀପ କୁମାର ରାମ୍, ମନୋଜ କୁମାର ସାହୁ, ସଞ୍ଜୟ କୁମାର ଓଝା ସହଯୋଗ କରିଥିଲେ। ଶାଳବଣି ବାଳିକା ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜୀବ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

KEONJHAR Edition
Page No.1 May 27, 2025